## ସଂକ୍ଷେପରେ

### ଜଙ୍ଗଲରେ ବୃଦ୍ଧଙ୍କୁ ଭାଲୁ ଆକ୍ରମଣ

ଝରିଗାଁ, ୩୧।୩(ସ୍ୱ.ପ୍ର.)- ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ହୋଇପଡ଼ିଛନ୍ତି। ସେ ହେଲେ ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଚଟା ପଞ୍ଚାୟତ ଭେଜିଗୁଡ଼ା ଗ୍ରାମର ଜଗ ପୂଜାରୀ (୬୩)। ଜଗ ମହୁଲ ଗୋଟେଇବାକୁ ଗୁରୁବାର ସକାଳ ପ୍ରାୟ ୮ଟାରେ ଗାଁ ପାଖ ଜଙ୍ଗଲକୁ ଯାଇଥିଲେ। ମହୁଲ ଗୋଟାଇବାବେଳେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା। ବୃଦ୍ଧ ଜଣଙ୍କ ଚିତ୍କାର କରିବାରୁ ପାଖରେ ଥିବା ଅନ୍ୟ ଲୋକମାନେ ଭାଲୁକୁ ଘଉଡ଼ାଇ ଜଗଙ୍କୁ ଉଦ୍ଧାର କରିଥିଲେ। ଭାଲୁ ଆକ୍ରମଣରେ ଜଗଙ୍କ ଡାହାଣ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ସେଠାରେ ଉପସ୍ଥିତ ଲୋକମାନେ ବୃଦ୍ଧଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଘଟଣା ସମ୍ପର୍କରେ ବନ ବିଭାଗକୁ ମଧ ସୂଚନା ଦିଆଯାଇଛି।

### ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା



ରାଇଘର, ୩୧।୩(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ରାଇଘର ବ୍ଲକ ସହକାରୀ ଏକ୍ସ କ୍ୟାଡର ଓ ଗଣଶିକ୍ଷକ ସଂଘ ପକ୍ଷରୁ କତୁଆଲପାରା ହାଇସ୍କୁଲର ମୃତ ଶିକ୍ଷକ ବିଦ୍ୟାଧର ସିଂ ରାଜଗଣ୍ଡଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ସଂଘ ସଭାପତି କେଟୁଡୁ ଦାସ ପନକା, ସମ୍ପାଦକ କାମେଶ୍ୱର ହନ୍ତାଲଙ୍କ ସହ ସଂଘର କର୍ମକର୍ତ୍ତାମାନେ ମୃତ ଶିକ୍ଷକଙ୍କ ପାରୁଆସ୍ଥିତ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ଭେଟି ସହାୟତା ରାଶି ପ୍ରଦାନ କରିଛନ୍ତି। ଏହି ସମୟରେ ସଂଘର ନରେନ୍ଦ୍ର ମାଝି, ନରସିଂ ଜାନୀ, କିରଣ ମହାପାତ୍ର, ମହେଶ ସୁନାନୀ, ଶଙ୍କର୍ଷଣ ମହାରଣା, ପ୍ରଶ୍ନ କୁମାର ନାୟକ, ବସନ୍ତ ପ୍ରହରାଜ, ଚିତ୍ତରଞ୍ଜନ ପାତ୍ର ସୁନା, ଦେବୁ ଦାସ, ଜୟରାମ ଗଣ୍ଡ, ହିମାଂଶୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ଲକସ୍ତରୀୟ ଜନ ଶୁଣାଣି



ଉମରକୋଟ, ୩୧।୩(ସ୍ୱ.ପ୍ର.)- ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ର ସାମାଜିକ ସମୀକ୍ଷା ଉମରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ନବରଙ୍ଗପୁର ଜିଲା ସୋସିଆଲ୍ ଅଡିଟର ବୈଭବସୁତ ଚଲାନ ମହାତ୍ମା ଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ବିଡିଓ ଡଃ ହିମାଚଳ ମାଝି ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷା ସୁଶୀଳା ମାଝି, ଉପାଧକ୍ଷ ଶ୍ୟାମଲ ସରକାର, ସାହାରା ସାମାଜିକ ସଙ୍ଗଠନ ମୁଖ୍ୟ ମନୋଜ ଧଳ, ଜିଲା ସଂଯୋଜକ ସୁଧାଂଶୁ ଭୂଷଣ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଅଶ୍ୱିନୀ ପଟ୍ଟନାୟକ, ଇଂ ସଙ୍କିତ ନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ପରିଚାଳିତ ମମତା ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନା କରାଯାଇଛି। ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ବାଦ ପଡିଥିବା ଯୋଗ୍ୟ ହିତାଧିକାରୀଙ୍କୁ କିପରି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏହି ଯୋଜନା ମାଧମରେ ହୋଇଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ନିୟୋଜିତ ଶ୍ରମିକ କାମ କରିବା ପାଇଁ ଆବେଦନ କରିବା ପରେ ତାକୁ ତୁରନ୍ତ କାମ ଯୋଗାଇବାକୁ ବ୍ୟବସ୍ଥା, କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ପୂର୍ବରୁ ଥିବା ଦୋଷ ତ୍ରୁଟିରେ ସୁଧାର ଆଣିବାକୁ ଚେଷ୍ଟା କରିବା ନେଇ ବିଭାଗୀୟ ଅଧିକାରୀ ପ୍ରକାଶ କରିଥିଲେ।

# ଅଂଶୁଘାତର ସଫଳ ମୁକାବିଲାକୁ ପ୍ରାଧାନ୍ୟ

- ଗ୍ରୀଷ୍ମ ମୁକାବିଲା ନିମନ୍ତେ ଅଧିକାରୀମାନଙ୍କୁ ତାଲିମ
- ଖରାରେ ଅଧିକ ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ଚିହ୍ନଟ ପାଇଁ ପରାମର୍ଶ

ରାୟଗଡ଼ା ଅଫିସ, ୩୧।୩–

ରାୟଗଡ଼ା ଜିଲାରେ ଗ୍ରୀଷ୍ମ ଲହରୀ ତଥା ଅଂଶୁଘାତର ସଫଳ ମୁକାବିଲା ନିମନ୍ତେ ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ଅଧକ୍ଷତାରେ ସ୍ଥାନୀୟ ଡିଆର୍‌ଡିଏ ସମ୍ମିଳନି କକ୍ଷରେ ଏକ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ ସମୋନାଥ ପ୍ରଧାନ, ଡିଆରଡିଏ ପିଡି ରବିନାରାୟଣ ତ୍ରିପାଠୀ, ଉପଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ, ସହକାରୀ ଜିଲାପାଳ ସୁକାନ୍ତ ପ୍ରଧାନ ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ସରୋଜ କୁମାର ମିଶ୍ର ଏବଂ ଜିଲାସ୍ତରୀୟ ଅଧିକାରୀମାନେ।

ସାଧନ କର୍ମୀ ଭାବେ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ମମତା ଚୋଧୁରୀ ଅଂଶୁଘାତ ଓ ତାହାର ବୁକାବିଲା ବିଷୟରେ ସଚେତନତା ସମ୍ପର୍କରେ ବୁଝାଇଥିଲେ। ତହସିଲଦାର, ଜିଲା ସ୍ୱାସ୍ଥ୍ୟ ଅଧିକାରୀ, ବିଇଓ ଏବଂ ପ୍ରକଳ୍ପ ଅଧିକାରୀ ଅଂଶଗ୍ରହଣ କରିଥିଲେ। ଜିଲା ଜରୁରୀକାଳୀନ ଅଧିକାରୀ ଗ୍ରୀଷ୍ମ ଲହରୀ ବିଷୟରେ ଆଲୋଚନା କରିଥିଲେ। ଖରାରେ ଅଧିକ ପ୍ରଭାବିତ ହେବାକୁ ଥିବା ଲୋକଙ୍କୁ ଚିହ୍ନଟ କରାଯିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଜନସ୍ୱାସ୍ଥ୍ୟ ଅଧିକାରୀ ଅଂଶୁଘାତର ଲକ୍ଷଣ ଓ ଏହାର ଚିକିତ୍ସା ବିଷୟରେ ବିଷଦ ଆଲୋଚନା କରିଥିଲେ। ବିଇଓ ଗ୍ରୀଷ୍ମ ଲହରି ସମୟରେ ପାଠପଢ଼ାର ସମୟ ନିର୍ଘଣ୍ଟ ତଥା ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ରହିଥିବା ସୁବିଧା ସୁଯୋଗ ବିଷୟରେ ଆଲୋଚନା କରିଥିଲେ। ଜିଲାରେ ଅଂଶୁଘାତକୁ ରୋକିବା ଏବଂ ଏହାର ଶିକାର ହେଉଥିବା ଲୋକଙ୍କ ଜୀବନ ରକ୍ଷା କରିବା ନେଇ ଜିଲାସ୍ତରୀୟ ଅଧିକାରୀମାନେ ଗୁରୁତ୍ୱ ଦେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

## ଦାୟିତ୍ୱ ନେଲେ ଗୁଣପୁର ବ୍ଲକ ଅଧକ୍ଷା, ଉପାଧକ୍ଷ



ଗୁଣପୁର,୩୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁରର ନବ ନିର୍ବାଚିତା ଅଧକ୍ଷା ଝିଲି ଶବର ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ଉପାଧକ୍ଷ ସୁଦର୍ଶନ ଶବର ମଧ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏଥିଲାଗି ପୂର୍ତ୍ତବିଭାଗ ବଙ୍ଗଳାଠାରୁ ଅଧକ୍ଷା ଝିଲି ଶବର, ଉପାଧକ୍ଷ ସୁଦର୍ଶନ ଶବରଙ୍କ ସମେତ ନବ ନିର୍ବାଚିତ ସମିତି ସଭ୍ୟ, ସରପଞ୍ଚ ଏବଂ ପୂର୍ବତନ ଏନ୍‌ଏସି ଅଧକ୍ଷ ଶିବ ପ୍ରସାଦ ଗୌଡ଼ଙ୍କ ନେତୃତ୍ୱରେ ଶୋଭାଯାତ୍ରାରେ ବାହାରି ବ୍ଲକ ଅଫିସଠାରେ ପହଞ୍ଚିଥିଲେ। ଜିପିଇଓ ପତିତପାବନ ବିଶୋୟୀଙ୍କ ସମେତ ବ୍ଲକର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ନବ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସୂଚନାଯୋଗ୍ୟ, ଝିଲି ଶବର ୧୫ ଖଣ୍ଡ ଭୋଟ ପାଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ସମର୍ଥିତ ଚିନାସାରି ପଞ୍ଚାୟତର ସମିତି ସଭ୍ୟା ସିନେମି ଶବରଙ୍କ ଠାରୁ ୧୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିଲେ।

# ଡିଡିୟୁ-ଜିକେୱାଇ ନିଯୁକ୍ତି ପରାମର୍ଶ ଶିବିର

**ତାଲିମ ନେଇ ସ୍ୱାବଲମ୍ବୀ ହୋଇପାରିବେ ଯୁବଗୋଷ୍ଠୀ**

ପଦ୍ମପୁର,୩୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁରସ୍ଥିତ ବିଜୁ କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ୍ୟ ଯୋଜନା(ଡିଡିୟୁ-ଜିକେୱାଇ)ରେ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ପଦ୍ମପୁର ବିଡିଓ ଦୟାମୟ ପାଢ଼ୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷିତ ବେକାର ଯୁବତୀ, ଯୁବକଙ୍କ ନିମନ୍ତେ ଏହି କାର୍ଯ୍ୟକ୍ରମର ଆବଶ୍ୟକତା ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ରୂପେ ବ୍ଲକ ଉପାଧକ୍ଷ ରମେଶ ଚନ୍ଦ୍ର ସାହୁ, ପଦ୍ମପୁର ସରପଞ୍ଚ ପ୍ରକାଶ କଣ୍ଡାଗିରି, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପ୍ରମିଳା ବେହେରା, ଓର୍‌ମାସର ଜିଲା ଦକ୍ଷତା ବିକାଶ ସଂଯୋଜକ ଅସିତ କୁମାର ମିଶ୍ର, ଓଏଲ୍‌ଏମ୍‌ର ବିପିଏମ୍ ମାନସି ଟାକିରି ଯୋଗଦେଇ ଅଧିକରୁ ଅଧିକ ଶିକ୍ଷିତ ଯୁବଗୋଷ୍ଠୀ ଏହି ଡିଡିୟୁ-ଜିକେୱାଇ ମାଧ୍ୟମରେ ତାଲିମ ନେଇ ନିଜର ଦକ୍ଷତା ବିକାଶ କରିବା ସହ ରୋଜଗାରକ୍ଷମ ହୋଇପାରିବେ ବୋଲି ବୁଝାଇଥିଲେ। ତେବେ ନୂତନ ବ୍ଲକ ଅଧକ୍ଷା ମଣିମାଳା ଶବର ପ୍ରଥମ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିବାବେଳେ ପୂର୍ବତନ ବ୍ଲକ ଅଧକ୍ଷ ରମାକାନ୍ତ ମାଝି ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ନୂତନଭାବେ ଦାୟିତ୍ୱ ନେବାପରେ ଅଧକ୍ଷାଙ୍କ ପ୍ରଥମ ବୈଠକରେ ଅନୁପସ୍ଥିତିକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଜୈବିକ ପଦ୍ଧତିରେ ମାଟିର ଉର୍ବରତା ବଢ଼ାଇବାକୁ ଗୁରୁତ୍ୱ

**ବ୍ଲକସ୍ତରୀୟ ମୃତ୍ତିକା ମେଳା**

ଗୁଣପୁର,୩୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର କୃଷି କାର୍ଯ୍ୟାଳୟଠାରେ ବ୍ଲକସ୍ତରୀୟ ମୃତ୍ତିକା ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷା ଝିଲି ଶବର ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଉପାଧକ୍ଷ ସୁଦର୍ଶନ ଶବର, ଗୁଣପୁର କୃଷି ଜିଲା ଅଧିକରୀ ବିଷ୍ଣୁ ପ୍ରସାଦ ସାହୁ, ବ୍ଲକ କୃଷି ଅଧିକାରୀ କେ. ଧାର୍ମାରାଜୁ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ରାଜିବ ଗୁଡ୍ଡୁ, କୃଷି ଉତ୍ପାଦକ ସଙ୍ଗଠନର ସଂଯୋଜକ ସୁମତି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ମୃତ୍ତିକାର ଉର୍ବରତା କିପରି ବଢ଼ିବ ସେ ନେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ। ରାସାୟନିକ ସାର ପ୍ରୟୋଗ ଦ୍ୱାରା ନଷ୍ଟ ହୋଇଥିବା ମାଟିର ଉର୍ବରତାକୁ ଜୈବିକ ପଦ୍ଧତି ଦ୍ୱାରା ପୁଣି ବୃଦ୍ଧି କରାଯାଇପାରିବ। ଏ ନେଇ ସମସ୍ତେ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। ସହକାରୀ କୃଷି ଅଧିକାରୀ ସନ୍ତୋଷ ରଥଙ୍କ ସମେତ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବହୁ ସଂଖ୍ୟାରେ ଚାଷୀ ଏଥିରେ ଯୋଗ ଦେଇଥିଲେ। ସହକାରୀ କୃଷି ବିଭାଗ ପକ୍ଷରୁ ମୁଖ୍ୟ ଜିଲା କୃଷି ବିଭାଗର ସୌଜନ୍ୟରେ ଏହି କାର୍ଯ୍ୟକ୍ରମ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ରୁପାପଦର ଗ୍ରାମର ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ ପ୍ରଦାନ କରାଯିବା ସହ ମୃତ୍ତିକାର ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ସମନ୍ୱିତ ସହ ପ୍ରୟୋଗ ବିଷୟରେ ଆଲୋଚନା ହୋଇଥିଲା।



ମୁଖ୍ୟ ଜିଲା କୃଷି ଅଧିକାରୀ ଚାଷୀଙ୍କୁ ମାର୍ଗଦର୍ଶନ କରୁଛନ୍ତି।

# ମାଟିର ସ୍ୱାସ୍ଥ୍ୟ ପରିଚାଳନାକୁ ଗୁରୁତ୍ୱ

**ବ୍ଲକସ୍ତରୀୟ ମୃତ୍ତିକା ମେଳା**

ଗୁଡ଼ାରି,୩୧।୩(ଡି.ଏନ୍.ଏ.)–

ରାୟଗଡ଼ା ଜିଲା ଗୁଡାରି ବ୍ଲକ ବେଣ୍ଟିଗୁଡ଼ା ଗ୍ରାମରେ ବ୍ଲକ ସ୍ତରୀୟ ମୃତ୍ତିକା ମେଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ଲକ୍ଷ୍ମୀ ଶବର ଏହାର ଶୁଭାରମ୍ଭ କରିଥିଲେ। ଗୁଡ଼ାରି ବ୍ଲକର ଅତିରିକ୍ତ କୃଷି ଅଧିକାରୀ ମୃତ୍ୟୁଞ୍ଜୟ ଦେଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ମେଳା ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭ୍ୟ ପତି କ୍ରାସ୍କାଙ୍କ ସମେତ ବ୍ଲକର ଅନେକ ସରପଞ୍ଚ ଓ ସମିତି ସଭ୍ୟ ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇଥିଲେ। ଜିଲା ଓ ସବ୍ ଡିଭିଜନ ସ୍ତରରୁ ଆସିଥିବା ବିଭାଗୀୟ ଅଧିକାରୀମାନେ ମାଟିର ସ୍ୱାସ୍ଥ୍ୟ ପରିଚାଳନା ବିଷୟରେ ଉପସ୍ଥିତ କୃଷକମାନଙ୍କୁ କହିଥିଲେ। ମାଟିର ଉର୍ବରତା ବଢ଼ାଇବା ନିମନ୍ତେ ଜୈବିକ ସାର ଓ ସବୁଜ ସାର ପ୍ରୟୋଗ ବିଷୟରେ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ମାଟିର ଉର୍ବରତା ନିମନ୍ତେ ଯବକ୍ଷାରଜାନ, ଫସ୍‌ଫରସ ଓ ପଟାସର ଗୁରୁତ୍ୱ ବିଷୟରେ ଆଲୋଚନା କରାଯାଇଥିଲା। ଏହି ମେଳାରେ ବିଭିନ୍ନ ପ୍ରକାର କୃଷି ଉପକରଣ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମରେ ମାନସ ବାରିକ, କ୍ରାନ୍ତି ପାଢ଼ୀ, ଶରତ ଚନ୍ଦ୍ର ଘୋଷଙ୍କ ସମେତ ସମସ୍ତ କୃଷକ ସାଥୀ ଏବଂ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ।

## ପୌର ଉପାଧକ୍ଷ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ

ଗୁଣପୁର,୩୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୌର ପରିଷଦର ଉପାଧକ୍ଷ ପଦ ପାଇଁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୌରାଧକ୍ଷା ମମତା ଗୌଡ଼ ଏ ନେଇ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ନିର୍ବାଚନ କାର୍ଯ୍ୟସୂଚୀ ମୁତାବକ ୭ ତାରିଖ ଅର୍ଥାତ୍ ଗୁରୁବାର ପୂର୍ବାହ୍ନ ୧୦ ଟାରୁ ୧୧ଟା ମଧ୍ୟରେ ନାମାଙ୍କନ ପତ୍ର କ୍ରୟ ଏବଂ ଦାଖଲ ହେବ। ୧୧ ଟାରୁ ୧୨ଟା ମଧ୍ୟରେ ନାମାଙ୍କନ ପତ୍ର ଯାଞ୍ଚ ଏବଂ ଗୋଟାଏ ମଧ୍ୟରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପାଇଁ ଦିନ ଧାର୍ଯ୍ୟ ହୋଇଛି। ୧.୩୦ରୁ ଭୋଟ ଗ୍ରହଣ ହୋଇ ଫଳାଫଳ ପ୍ରକାଶ ପର୍ଯ୍ୟନ୍ତ ନିର୍ବାଚନ କାର୍ଯ୍ୟ ଚାଲୁ ରହିବ। ପୌର ପରିଷଦ କାର୍ଯ୍ୟାଳୟଠାରେ ନିର୍ବାଚନ ପ୍ରକ୍ରିୟା ଅନୁଷ୍ଠିତ ହେବ।

## ୧୬୦ କେ.ଜି. ଗଞ୍ଜେଇ ଜବତ, ୨ଗିରଫ

ବିଷମକଟକ,୩୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ପୋଲିସ ଯାନବାହନ ଯାଞ୍ଚବେଳେ ଏକ କାର୍‌ରୁ ୧୬୦ କେଜି ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ମଧ ଗିରଫ କରାଯାଇଛି। ଦୁହେଁ ହେଲେ ମହାରାଷ୍ଟ୍ରର ପଶ୍ଚିମ ଥାନେ ଜିଲା ବାଦଲପୁର ଗାଁର ଆଶିକ କଦମ(୪୨) ଏବଂ ଲକ୍ଷ୍ମଣ ଭୋଇରା(୨୫)। ଗଞ୍ଜେଇ ଚାଲାଣରେ ବ୍ୟବହୃତ କାର୍ ମଧ ଜବତ କରାଯାଇଛି। ସୂଚନା ଅନୁଯାୟୀ, ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲ ଛକରେ ଗାଡ଼ି ଯାଞ୍ଚବେଳେ ମୁନିଗୁଡ଼ା ଅଭିମୁଖେ ଯାଉଥିବା ହୋଣ୍ଡା କାର୍(ଏମ୍‌ଏଚ୍ ୦୫ ଇଏ ୯୦୩୧)କୁ ପୋଲିସ ସନ୍ଦେହରେ ଅଟକାଇଥିଲା। ଯାଞ୍ଚ କରାଯିବାରୁ ସେଥିରୁ ଗଞ୍ଜେଇ ବସ୍ତା ବାହାରିଥିଲା। ୨ ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ ଫୋନ୍, ୨୩୦୦ ଟଙ୍କା ମଧ ଜବତ କରାଯାଇଥିବା



ବିଷମକଟକ ଥାନା ଅଧିକାରୀ ସୁବାସ ଚନ୍ଦ୍ର କରକରା ସୂଚନା ଦେଇଛନ୍ତି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ହେବ ବୋଲି ଜଣାପଡ଼ିଛି।

# ଫୂର୍ତ୍ତି, ସୁସ୍ଥ ରହିବାକୁ ପିଲାଙ୍କ ଯୋଗାଭ୍ୟାସ



ପିଲାମାନେ ଯୋଗ କରୁଛନ୍ତି ।

ଉମରକୋଟ, ୩୧।୩(ସ୍ୱ.ପ୍ର.)

ଯୋଗକୁ ବର୍ତ୍ତମାନ ଆଧୁନିକ ଯୁଗରେ ସମସ୍ତେ ଆଦରି ନେଲେଣି। ବିଦେଶରେ ମଧ ଯୋଗର ଚାହିଦା ବଢ଼ିବାରେ ଲାଗିଛି। ଯୋଗାଭ୍ୟାସ ମଣିଷକୁ ସୁସ୍ଥ ଓ ଫୁର୍ତ୍ତି ରଖେ। ଯୋଗର ଉପକାରିତା ଜାଣି ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ବି ଏସ୍ ପଦରସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ପିଲାମାନେ ଦୈନିକ ଯୋଗାଭ୍ୟାସ କରୁଛନ୍ତି। ଏଠାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ହଷ୍ଟେଲ ସୁବିଧା ମଧ ଅଛି। ହଷ୍ଟେଲରେ ୫୦୦ ଛାତ୍ରୀଛାତ୍ର ରହୁଛନ୍ତି। କ୍ରୀଡ଼ା ପ୍ରଶିକ୍ଷକ ସପନ ବୈରାଗୀଙ୍କ ତତ୍ତ୍ୱାବଧାନରେ ଛାତ୍ରାବାସର ସମସ୍ତ ପିଲା ଦୈନିକ ୪୫ ମିନିଟ ଯୋଗାଭ୍ୟାସ କରୁଛନ୍ତି। ସକାଳ ୬.୪୫ ରୁ ୭.୩୦ ଯାଏ ପ୍ରାୟ ୧୦ ପ୍ରକାର ଯୋଗ ଶିଖାଯାଉଛି। ପିଲାଙ୍କ ମନରେ ଯୋଗ ଶିଖିବାକୁ ପ୍ରବଳ ଆଗ୍ରହ ଥିବା ପରିଲକ୍ଷିତ ହେଉଛି। ଯୋଗ କରିବା ଦ୍ୱାରା ଦିନ ତମାମ ଫୂର୍ତ୍ତି ଅନୁଭବ କରୁଥିବା ପିଲାମାନେ କହିଛନ୍ତି। ଯୋଗ ଅଭ୍ୟାସ ପାଇଁ ପିଲାଙ୍କ ମନରେ ଯେଉଁ ଆଗ୍ରହ ରହିଛି ତାକୁ ଦେଖି ବେଶ୍ ଖୁସି ଲାଗୁଛି। ପିଲାଙ୍କ ଯୋଗାଭ୍ୟାସ ସାଧାରଣ ଲୋକଙ୍କ ପାଇଁ ଏକ ଉଦାହରଣ ବୋଲି ସ୍କୁଲ ପ୍ରଧାନ ଶିକ୍ଷକ ନିରଞ୍ଜନ ମହାପାତ୍ର କହିଛନ୍ତି।

# ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

**ଲୋକଲଜ୍ୟା ସହି ନ ପାରି ଆତ୍ମହତ୍ୟା କରିଛନ୍ତି ପୀଡିତାଙ୍କ ସ୍ୱାମୀ**

ଡାବୁଗାଁ, ୩୧।୩ (ଡି.ଏନ୍.ଏ.)

ମହିଳାଙ୍କୁ କରାଯାଇଥିଲା ବଳାତ୍କାର। ଲୋକଲଜ୍ଜା ସହି ନ ପାରି ପିଡ଼ିତାଙ୍କ ସ୍ୱାମୀ ଆତ୍ମହତ୍ୟା କରିଦେଲେ। ଘଟଣାର ୧ ମାସ ପରେ ପୀଡ଼ିତା ବୁଧବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଏହି ଘଟଣାରେ ଗୁରୁବାର ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ହେଲେ ଡାବୁଗାଁ ଥାନା ଅଞ୍ଚଳର ଭକ୍ତଚରଣ ଗୌଡ଼।

ସୂଚନାନୁଯାୟୀ, ଫେବୃଆରୀ ୧୫ରେ ପିଡ଼ିତା ଶୌଚ ହେବାକୁ ଯାଇଥିବାବେଳେ ଭକ୍ତ ତାଙ୍କୁ ବଳାତ୍କାର କରିଥିଲେ। ପିଡ଼ିତା ଘଟଣା ସମ୍ପର୍କରେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ଲୋକଲଜ୍ଜା ଭୟରେ ପିଡ଼ିତା ଆତ୍ମହତ୍ୟା ଉଦ୍ୟମ କରି ବିଫଳ ହୋଇଥିଲେ। ଏହାପରେ ତାଙ୍କ ଗ୍ରାମରେ ଏକ ବୈଠକ ବସିଥିଲା। ବୈଠକରେ କୌଣସି ସମାଧାନର ବାଟ ନ ବାହାରିବାରୁ ପିଡ଼ିତାଙ୍କ ସ୍ୱାମୀ ଫେବୃଆରୀ ୨୮ରେ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଡାବୁଗାଁ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲେ। ପିଡ଼ିତା ବୁଧବାର ଏସ୍‌ପିଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇବା ସହ ଡାବୁଗାଁ ଥାନାରେ ବଳାତ୍କାର ସମ୍ପର୍କରେ ଅଭିଯୋଗ କରିଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଉମରକୋଟ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦୀନେଶ ଚନ୍ଦ୍ର ନାୟକ ଘଟଣାର ତଦନ୍ତ କରୁଛନ୍ତି। ଡାବୁଗାଁ ପୋଲିସ ଗୁରୁବାର ଅଭିଯୁକ୍ତ ଭକ୍ତଙ୍କୁ ଗିରଫକରି ଡାକ୍ତରୀ ମାଇନ ପରେ କୋର୍ଟ ପଠାଇଛି। ଏନେଇ ଥାନା ୫୧/୨୨ରେ ଥାନାରେ ଏକ ମାମଲା ରୁଜୁ ହୋଇଛି।

## ମନ୍ଦିରରୁ ଟଙ୍କା, ରୁପା ସାମଗ୍ରୀ ଚୋରି

ଗୁଣପୁର,୩୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୋଲିସ ଥାନା ନିକଟସ୍ଥ କାଶୀ ବିଶ୍ୱନାଥ ମନ୍ଦିରରୁ ଚୋରି ହୋଇଥିବା ବୁଧବାର ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବୁଧବାର ରାତିରେ ମନ୍ଦିରରେ ପଶି ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରିଛନ୍ତି। ଏଥିସହ ମନ୍ଦିରରେ ଥିବା ରୁପା ସାମଗ୍ରୀ ମଧ ଚୋରି ହୋଇଛି। ଗୁଣପୁର ଥାନା ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ସବୁଦିନ ଭଳି ମନ୍ଦିର ପୂଜକ ଏବଂ କମିଟିର କର୍ମକର୍ତ୍ତା ମଙ୍ଗଳବାର ସନ୍ଧ୍ୟାରେ ମନ୍ଦିର ବନ୍ଦ କରି ଯାଇଥିଲେ। ସକାଳୁ ମନ୍ଦିର ଖୋଲିବାବେଳେ ହୁଣ୍ଡିର ତାଲା ଭଙ୍ଗିଥିବା ପୂଜକ ଦେଖିଥିଲେ। ମନ୍ଦିର ପାର୍ଶ୍ୱ କବାଟ ଭାଙ୍ଗି ଚୋରମାନେ ପଶିଥିବା ଜଣାପଡ଼ିଛି।

# ମୁଖ୍ୟ ଅଭିଯୁକ୍ତଙ୍କ ସହ ୨ ସହଯୋଗୀ, ବନ୍ଧୁକ ବିକ୍ରି କରିଥିବା ଯୁବକ ଗିରଫ

**ବନ୍ଧୁକ ମୁନରେ ଧମକଦେବା ଘଟଣା**

ଝରିଗାଁ, ୩୧।୩(ସ୍ୱ.ପ୍ର.)

ବନ୍ଧୁକ ମୁନରେ ଧମକ ଦେଇ ଯୁବକ ଗିରଫ ଘଟଣାରେ ନବରଙ୍ଗପୁର ଜିଲା ଝରିଗାଁ ପୋଲିସ ସମ୍ପୃକ୍ତ ଯୁବକଙ୍କ ୨ ସହଯୋଗୀଙ୍କୁ ଗିରଫ କରିଛି। ଏଥିସହ ପୋଲିସ ବନ୍ଧୁକ ବିକ୍ରି କରିଥିବା ୨ ଯୁବକଙ୍କୁ ମଧ ଗିରଫ କରିଛି। ସେମାନେ ହେଲେ ମୁଖ୍ୟ ଅଭିଯୁକ୍ତ ଅଞ୍ଚଳା ଗ୍ରାମର ଦୀପଙ୍କର ସରକାର(୨୯), ବନ୍ଧୁକ କିଣିବାରେ ଦୀପଙ୍କରଙ୍କୁ ସହଯୋଗ କରିଥିବା ଉମରକୋଟ ବୁର୍ଜା ଗ୍ରାମର ଝୁନେଶ ବାଘ(୨୨), ଗୁଲିପାଟଣା ସାହିର ଅଟୋ ଡ୍ରାଇଭର ରାଜକୁମାର ରେଲି(୨୨)। ଏଥିସହ ପୋଲିସ ବନ୍ଧୁକ ବିକ୍ରି କରିଥିବା କୋରାପୁଟ ଝଡିଗୁଡା ଗ୍ରାମର ନରେନ୍ଦ୍ର ଗରାଡ଼(୨୦) ଏବଂ ଗୌର ରେଲି(୨୦)ଙ୍କୁ ମଧ ଗିରଫ କରିଛି।

ସୂଚନାନୁଯାୟୀ, ସୋମବାର ଦୀପଙ୍କର ନିଶାସକ୍ତ ଅବସ୍ଥାରେ ଭରଣ୍ଡିପାରା ଗ୍ରାମର ଜଣେ ପରିଚିତଙ୍କ ଘରକୁ ଯାଇ କବାଟ ଖୋଲିବାକୁ କହି ପାଣି ମାଗିଥିଲେ। ଦୀପଙ୍କର ନିଶାଗ୍ରସ୍ତ ଥିବାରୁ ଘର ମାଲିକ ତାଙ୍କୁ ବାହାରିଯିବାକୁ କହିଥିଲେ। ଦୀପଙ୍କର ପାଖରେ ରହିଥିବା ବନ୍ଧୁକ ବାହାର କରି ଘରମାଲିକଙ୍କୁ ହତ୍ୟା ଧମକ ଦେଇଥିଲେ। ଘର ମାଲିକଙ୍କ ଅଭିଯୋଗକ୍ରମେ ପୋଲିସ ଝରିଗାଁ ଥାନାରେ ୫୧/୨୨ରେ ଏକ ମାମଲା ରୁଜୁ କରି ଦୀପଙ୍କରଙ୍କୁ ଗିରଫ କରିଥିଲା। ବନ୍ଧୁକ ସମ୍ପର୍କରେ ଜାଣିବାକୁ ନବରଙ୍ଗପୁର ଏସ୍‌ପିଙ୍କ ନେତୃତ୍ୱରେ ଝରିଗାଁ ଥାନାଧିକାରୀ ନଟବର ନନ୍ଦ, ତଦନ୍ତକାରୀ ଅଧିକାରୀ ପ୍ରମୋଦ କୁମାର ଖଣ୍ଡୁଆଳ, ଏଏସ୍‌ଆଇ ଅଶୋକ କୁମାର ପାଳ, ଏଏସ୍‌ଆଇ ବଂଜାରା, ହାବିଲଦାର ଈଶ୍ୱର ମାଣ୍ଡାଙ୍ଗି ପ୍ରମୁଖଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇଛି। ଉକ୍ତ ଟିମ୍ ତଦନ୍ତକରି ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ସୂଚନାନୁଯାୟୀ, ପୋଲିସ ଜବତ କରିଥିବା ୯ଏମ୍‌ଏମ୍ ବନ୍ଧୁକଟି ବିହାର ରାଜ୍ୟ ମୁଙ୍ଗେର ଜିଲାରୁ ଆସିଛି। ବନ୍ଧୁକ ନବରଙ୍ଗପୁରକୁ କିପରି ଆସିଲା ତାହାର ତଦନ୍ତ କରାଯିବ ବୋଲି ପୋଲିସ କହିଛି।

# ମାଳୀ ଜାତିକୁ ବନବାସୀ ଆଦିବାସୀ ମାନ୍ୟତା ଦାବି

ଉମରକୋଟ, ୩୧।୩(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଉମରକୋଟର ଦାଡ଼ିଗୁଡ଼ାରେ ଅବିଭକ୍ତ କୋରାପୁଟ ଜିଲା ମାଳୀ ସମାଜ ବିକାଶ ପରିଷଦର ଏକ ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଜ୍ୟୋତିବା ଫୁଲେଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପରେ ତିଳକ ମାଳୀଙ୍କ ପୌରୋହିତ୍ୟରେ ସଭା କରାଯାଇଛି। ବୈଠକରେ ସମାଜର ସାଧାରଣ ସମ୍ପାଦକ ଅମରେନ୍ଦ୍ର ଖୋରା, ଉପସଭାପତି ତଥା ବୋରିଗୁମ୍ମା ବ୍ଲକ ସଭାପତି କହ୍ନେଇ ଚରଣ ବୈଦ୍ୟ, ଚନ୍ଦାହାଣ୍ଡି ସଭାପତି ଗୌରହରି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମାଳୀ ସମାଜର ଇତିହାସ ଓ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ସମାଜ ପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅନ୍ୟାୟ କରୁଥିବା ବକ୍ତାମାନେ କହିଥିଲେ। ମାଳୀ ଜାତିକୁ ଆଦିବାସୀ ମାନ୍ୟତା ଦେଇ ସଂରକ୍ଷଣ ତାଲିକାଭୁକ୍ତ କରିବା, ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ସହ ସଂରକ୍ଷଣ ଦାବି କରାଯାଇଥିଲା। ମାଳୀ ସମାଜକୁ ଜଙ୍ଗଲ ଜମି ପଟ୍ଟା, କୃଷି ଭିତ୍ତିକ ତାଲିମ, ମାଳୀ ଜାତିକୁ ବନବାସୀ ଆଦିବାସୀ ମାନ୍ୟତା ଦାବି କରା ଯାଇଛି। ଅବିଭକ୍ତ କୋରାପୁଟ ଜିଲାର କୌଣସି ଲୋକ ପ୍ରତିନିଧି ବିଧାନସଭାରେ ମାଳୀ ସମାଜ ପାଇଁ ଦାବି ଉପସ୍ଥାପନା କରୁନାହାନ୍ତି। ଏହା ଅତ୍ୟନ୍ତ ଦୁଃଖର ବିଷୟ ବୋଲ ମାଳୀ ସମାଜ ବିକାଶ ପରିଷଦ ସଭାପତି ଦାଶରଥି ମାଳୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିସିଂହପୁରରୁ ପୀତାମ୍ବର ନାୟକ, ପୁରୁଷୋତ୍ତମ ପାରି, କମଲୁ ମାଳୀ, ଚିତ୍ରସେନ ନାୟକ, ବିକ୍ରମ ମାଳୀ, ଦୈତାରୀ ଖିଲୋ, ରାମ କୁମାର ମାଳୀ, ମଣିରାମ ମାଳୀ ପ୍ରମୁଖ ଉପସ୍ଥିତ ଥିଲେ।



ମାଳୀ ସମାଜ ବିକାଶ ପରିଷଦ ବୈଠକରେ ମଞ୍ଚାସୀନ ଅତିଥିମାନେ।

# ମାଣ୍ଡିଆ ମଣ୍ଡିରେ ଅବ୍ୟବସ୍ଥା ନେଇ ଚାଷୀ ଅସନ୍ତୁଷ୍ଟ

**ବୈପାରିଗୁଡ଼ା,୩୧।୩(ଡି.ଏନ୍.ଏ.)**

ମାଣ୍ଡିଆ ମଣ୍ଡିରେ ମାଣ୍ଡିଆ କିଣାରେ ବ୍ୟାପକ ଅବ୍ୟବସ୍ଥା ହେଉଥିବା ନେଇ ଚାଷୀ ଅଭିଯୋଗ କରିଛନ୍ତି। ମାଣ୍ଡିଆ କିଣିବାରେ ବ୍ୟାପକ ଅନିୟମିତତା ହେଉଥିବା ସେମାନେ ପ୍ରକାଶ କରିଛନ୍ତି। ରାଜ୍ୟ ମାଣ୍ଡିଆ ମିଶନ ଯୋଜନାରେ ଚାଷୀଙ୍କୁ ମାଣ୍ଡିଆ ଚାଷ ପାଇଁ ପ୍ରୋତ୍ସାହନ ଦେବା ସହ ମଣ୍ଡି ମାଧ୍ୟମରେ ଟିଡିସିସି ପକ୍ଷରୁ ମାଣ୍ଡିଆ କିଣାଯାଉଛି। ସ୍ଥାନୀୟ ପ୍ରୟାସ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଏଦିଗରେ ଚାଷୀଙ୍କୁ ବୈଷୟିକ ଜ୍ଞାନକୌଶଳ ଯୋଗାଇଦେବା ସହ ଅନ୍‌ଲାଇନ ପଞ୍ଜୀକରଣ କରାଯାଉଛି। ସବୁଜିମା ମହିଳା ସଙ୍ଗଠନ ମାଧ୍ୟମରେ ମାଣ୍ଡିଆ କିଣାଯାଉଛି । ତେବେ ଚାଷୀ ଅଭିଯୋଗ କରିଛନ୍ତି, ସେମାନେ ମାସକ ତଳେ ପଞ୍ଜୀକରଣ ପାଇଁ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ଏବେ ମଣ୍ଡିକୁ ମାଣ୍ଡିଆ ଆଣି ଆସିଲେ ବିଭିନ୍ନ ଆଳ ଦେଖାଇ ସେମାନଙ୍କୁ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା କହି ଫେରାଇ ଦେଉଛନ୍ତି। ଏଥିଯୋଗୁ ସ୍ଥାନୀୟ ମଣ୍ଡିରେ ଶତାଧିକ ଚାଷୀ ପ୍ରୟାସ କର୍ମଚାରୀଙ୍କୁ ଘେରାଉ କରିଥିଲେ। ଚଞ୍ଚକତା କରି ବ୍ୟବସାୟୀଙ୍କଠାରୁ ମାଣ୍ଡିଆ କିଣାଯାଉଥିବା ଚାଷୀ ଅଭିଯୋଗ କରିଥିଲେ। ଲକ୍ଷ୍ମୀପୁର ଗ୍ରାମର ଚାଷୀ ଧନପତି ମାଳି କହନ୍ତି, ପଞ୍ଜୀକରଣ ପାଇଁ ସେ ସବୁ କାଗଜପତ୍ର ଦାଖଲ କରିଥିଲେ। ଶନିବାର ସେ ୧୯ କୁଇଣ୍ଟାଲ ମାଣ୍ଡିଆ ମଣ୍ଡିକୁ ଆଣିଥିଲେ। ମାଣ୍ଡିଆ ଓଜନ କରିବା ପରେ ତାଙ୍କ ନାଁ ପଞ୍ଜୀକରଣ ହୋଇ ନ ଥିବା ଦର୍ଶାଇ ଫେରାଇଦେଲେ। ସେ ବାଧ୍ୟ ହୋଇ ନିଜ ଖର୍ଚ୍ଚରେ ମାଣ୍ଡିଆ ଘରକୁ ନେଇଯାଇଥିଲେ। ସେହିପରି ଅମଳାଭଟ୍ଟା ଗ୍ରାମର ଚାଷୀ କମଳଲୋଚନ ସେଠୀ, ସନ୍ତେପୁଟ ଗ୍ରାମର ପରମାନନ୍ଦ ଦାସ ଓ ଲକ୍ଷ୍ମୀପୁର ଗ୍ରାମର ଚାଷୀ ପାର୍ବତୀ ମାଳି ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ପୋଟରଗୁଡ଼ା ଗ୍ରାମର ଚାଷୀ ଭାସ୍କର ବାରିକ କହିଛନ୍ତି, ସେ ୨୦ କୁଇଣ୍ଟାଲ ମାଣ୍ଡିଆ ଆଣି ମଣ୍ଡିକୁ ଆସିଥିଲେ। ମାତ୍ର ମାଣ୍ଡିଆ କଳା ରଙ୍ଗ ଦର୍ଶାଇ ତାହା ରଖିବାକୁ ତାଙ୍କୁ ମନା କରାଗଲା। ସେ ବାଧ୍ୟ ହୋଇ ଜଣେ ବ୍ୟବସାୟୀଙ୍କୁ ନିର୍ଦ୍ଧାରିତ ଦର କୁଇଣ୍ଟାଲ ପ୍ରତି ୩୩୭୭ ଟଙ୍କା ବଦଳରେ ୨୨ ଶହ ଟଙ୍କାରେ ବିକ୍ରିକରିଥିଲେ। ସେହି ବ୍ୟବସାୟୀ ଭାସ୍କରଙ୍କଠାରୁ କିଣିଥିବା ମାଣ୍ଡିଆକୁ ମଣ୍ଡିରେ ବିକ୍ରିକରିଥିଲେ। ମଣ୍ଡିରେ କୌଣସି ଟିଡିସିସି କର୍ମଚାରୀଙ୍କ ଦେଖା ମିଳୁ ନ ଥିବା ବେଳେ ମହିଳା ସଙ୍ଗଠନ ନାମକୁମାତ୍ର ଦାୟିତ୍ୱ ନେଇଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇ ସମ୍ପୃକ୍ତ ଏନ୍‌ଜିଓ ସଂସ୍ଥାର କର୍ମଚାରୀ ପୀତବାସ ବାରିକଙ୍କୁ ପଚାରିବାରୁ ସେ କହିଲେ, ଅନେକ ଚାଷୀଙ୍କ ପାସ୍ ବୁକ୍ ଓ ଆଧାର କାର୍ଡରେ ଥିବା ତଥ୍ୟରେ ଭୁଲ୍ ରହୁଛି। ସେଥିପାଇଁ ସେମାନେ ପଞ୍ଜୀକରଣରୁ ବାଦ୍ ପଡୁଛନ୍ତି।


ମାଣ୍ଡିଆ ମଣ୍ଡିରେ ଚାଷୀମାନେ ହୋ ହଲ୍ଲା କରୁଛନ୍ତି ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଚିତ୍ରକୋଣ୍ଡା,୩୧।୩(ଡି.ଏନ.ଏ.)- ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବସ୍‌ଷ୍ଟାଣ୍ଡ କଲୋନି ବାସିନ୍ଦା ମଲିକେଶ ସଗରିଆଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ସେ ଗାଧୋଇ ଆସି ତାରରେ କପଡା ଶୁଖାଉଥିବା ବେଳେ ବିଦ୍ୟୁତ୍ ଆଘାତ ପାଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଡାକ୍ତରଖାନା ନେଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଚିତ୍ରକୋଣ୍ଡା ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଦ୍ୟାଳୟସ୍ତରୀୟ ପରିଚାଳନା କମିଟି ତାଲିମ ଶିବିର

କୋରୁକୋଣ୍ଡା ୩୧।୩ (ଡି.ଏନ. ଏ.)- ମାଲକାନଗିରି ଜିଲା କୋରୁକୋଣ୍ଡା ସ୍ୱାମୀ ଶିବାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗତ ୨୮ରୁ ଚାଲିଥିବା ବିଦ୍ୟାଳୟସ୍ତରୀୟ ପରିଚାଳନା କମିଟି ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜକାନ୍ତ ବେହେରା, ଶିକ୍ଷକ ଶୁଭ୍ରାଂଶୁ ନାୟକ, ତୁଷାର ମଣ୍ଡଳ, ବିଜ୍ଞାନ ଶିକ୍ଷକ ବିଶ୍ୱଜିତ ପାଙ୍ଗୀ ତାଲିମ ପ୍ରଦାନ କରିଥିଲେ। ଏସ୍‌ଏମ୍‌ଡିସିର ସମସ୍ତ ସଦସ୍ୟ, ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ପରିଚାଳନା କମିଟି ସଭାପତି ଧନ୍ୟବାଦ ଦେଇଥିଲେ।

### ହିତାଧିକାରୀଙ୍କୁ ସହାୟତା କଲା ଚାଇଲ୍ଡ ଫଣ୍ଡ ଇଣ୍ଡିଆ

କୁଡୁମୁଲୁଗୁମ୍ମା, ୩୧।୩(ଡି.ଏନ୍.ଏ.)- ମାଲାକନଗିରି ଜିଲା ଖଇରପୁଟ ଓ ମାଥିଲି ବ୍ଲକର ଦଳପତିଗୁଡ଼ା, କଦମଗୁଡ଼ା, ନାୟକଗୁଡ଼ା, ପରକନମାଲା ପଞ୍ଚାୟତରେ ପଞ୍ଜୀକୃତ ୧୫ ପରିବାରଙ୍କୁ କୁକୁଡ଼ା ଚାଷ ପାଇଁ ୧୦ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଚାଇଲ୍ଡ ଫଣ୍ଡର ଜୀବନ ଜୀବିକା ଦାୟିତ୍ୱରେ ଥିବା ଅଶୋକ ମହାରଣା, ହରିବନ୍ଧୁ ପୂଜାରୀ, ପ୍ରକଳ୍ପ ଅଧିକାରୀ ରାଜେଶ ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

ଏମ୍‌ଭି ୭୯,୩୧।୩(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍‌ଭି- ୭୯ସ୍ଥିତ ଡ. ଶ୍ୟାମାପ୍ରସାଦ କନିଷ୍ଠ ମହାବିଦ୍ୟାଳୟରେ ଚାଲିଥିବା ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉତ୍ସବକୁ ଅଧକ୍ଷ ଡ. ପ୍ରଶାନ୍ତ ପାଢୀ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଇତିହାସ ବିଭାଗ ଅଧାପକ ଦୁଷ୍ମନ୍ତ ଦାସ, ଇଂରାଜୀ ବିଭାଗ ଅଧାପକ ବସନ୍ତ ବିଶ୍ୱାଳ ଯୋଗଦେଇଥିଲେ। ଲାଇବ୍ରେରିଆନ ଭରତ ଚନ୍ଦ୍ର ପଣ୍ଡା, ସଂଯୋଜକ ଲୋକନାଥ ମହାକୁଡ଼ଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ୧୨୦ ଜଣ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଇଥିଲେ। ଏହି ୮ ଦିନିଆ କାର୍ଯ୍ୟକ୍ରମକୁ ରିକି ବାରିକ, ସୁଜିତ ଢାଲି, ଅଶୋକ ନାହାକ ପରିଚାଳନା କରିଥିଲେ।

### ଚିତ୍ରକୋଣ୍ଡାରେ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ

ଚିତ୍ରକୋଣ୍ଡା,୩୧।୩(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ମହକୁମାସ୍ଥିତ ଅଲ ଓଡ଼ିଶା ମାର୍ଶାଲ ଆର୍ଟ ଏକାଡେମୀ ପକ୍ଷରୁ ଚିତ୍ରକୋଣ୍ଡାରେ ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏକାଡେମୀର ମୁଖ୍ୟ ପ୍ରଶିକ୍ଷକ ବିନାଶ ମିଶ୍ର ତତ୍ତ୍ୱାବଧାନରେ ୧୫ରୁ ଉର୍ଦ୍ଧ୍ୱ ଛାତ୍ରୀ ଆତ୍ମରକ୍ଷା ତାଲିମ ନେଇଛନ୍ତି। ଆଗାମୀ ଦିନରେ ଏହି କେନ୍ଦ୍ରକୁ ବାବୁ ଗୌଡ଼ ଓ ଯୋଗଗୁରୁ ଇନ୍ଦ୍ର ଲାମା ପରିଚାଳନା କରିବେ ବୋଲି ଜଣାପଡିଛି।

### ସେମିଳିଗୁଡାରେ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ

ସୁନାବେଡା,୩୧।୩(ସ୍ୱ.ପ୍ର.)- ସେମିଳିଗୁଡା ମହାବିଦ୍ୟାଳୟରେ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ ଅଧୀନ ଓ ଏଚଇପିଇଇ ପକ୍ଷରୁ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହା ବିଦ୍ୟାଳୟର ଅଧକ୍ଷ ନିଳାଞ୍ଚଳ ଆଚାର୍ଯ୍ୟ ମୁଖ୍ୟଅତିଥି ରୂପେ ଯୋଗଦେଇ ସ୍ୱାଗତ ସୂଚନା ଦେଇଥିଲେ। ବିଶେଷଜ୍ଞ ଭାବେ ପ୍ରତିମା ମଲ୍ଲିକ ଯୋଗଦେଇ କ୍ୟାରିୟର ଇନ ଫେଶନ ଡ଼ିଜାଇନିଂ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ଭବିଷ୍ୟତରେ କିପରି ଏହାକୁ ଜୀବିକାର୍ଜନର ଏକ ମାଧ୍ୟମ କରାଯାଇପାରିବ ସେନେଇ ବିଭିନ୍ନ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପିକା ଝାନସି ସିଂହ, ଦେବରାଜ ନାୟକ, ସିବାଶିଷ ପଟ୍ଟନାୟକ, ଜ୍ୟୋତ୍ସ୍ନା ଦାସ,ପିଙ୍କି ଜୈନଙ୍କ ସମେତ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଅବକାରୀ ଚଢାଉ, ୨ ଗିରଫ

ଜୟପୁର ୩୧।୩ (ନି.ପ୍ର.) ଦେଶୀ ମଦ ଚୋରା ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହୁଲଭଟ୍ଟାର ରାମ ଗଣ୍ଡ ଓ ବୀଣା ଗଣ୍ଡ । ରାମଙ୍କଠାରୁ ୧୩ ଲିଟର ଓ ବୀଣାଙ୍କ ଠାରୁ ୧୨ ଲିଟର ଦେଶୀ ମଦ ଜବତ ହୋଇଛି।

# ମାଲବାହୀ ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ

**କୋରାପୁଟ, ୩୧।୩(ସ୍ୱ.ପ୍ର)**

କୋରାପୁଟ ଉପକଣ୍ଠ ଚିନ୍ଦ୍ରି ଗ୍ରାମ ନିକଟସ୍ଥ ରେଳ ଲାଇନରେ ମୋବାଇଲ ଇୟର ଫୋନରେ କଥା ହୋଇ ଯାଉଥିବା ବେଳେ ମାଲବାହୀ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ତାଙ୍କ ନାମ ସଂଜିତ ପେଟିଆ(୧୭)। ଗୁରବାର ସକାଳ ୮ଟାରେ କୋରାପୁଟ ବ୍ଲକର ମାଛରା ଗ୍ରାମର ସଂଜିତ

**ଇୟରଫୋନ ହେଲା କାଳ**

ମୋବାଇଲ ଇୟରଫୋନ ଲଗାଇ ଗୀତ ଶୁଣି ଶୁଣି ରେଳଲାଇନ ଟ୍ରାକ ପାରି ହେଉଥିଲେ। କାନରେ ଇୟର ଫୋନ ଲଗାଇଥିବାରୁ ସେ ଏକ ମାଲବାହୀ ଟ୍ରେନ ଆସିବା ଜାଣିପାରି ନ ଥିଲେ। ଫଳରେ ଟ୍ରେନ ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିଲା। କୋରାପୁଟ ଆରପିଏଫ ପୋଲିସ ପହଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଛି। ସଞ୍ଜିତ୍‌ଙ୍କ ଘର ହେଲା କୋରାପୁଟ ବ୍ଲକର ମାଛରା ଗ୍ରାମରେ। ସେ ବୁଧବାର କୋରାପୁଟର ଚିନ୍ଦ୍ରିକୁ ଏକ ବିବାହ ଭୋଜିରେ ଯୋଗ ଦେବାକୁ ଆସିଥିଲେ। ଗୁରୁବାର ସକାଳୁ ସେ ଶଉଚ ପାଇଁ ରେଳଲାଇନ ପାର ହେଉଥିଲାବେଳେ ଏହି ଅଘଟଣ ଘଟିଛି । ସଞ୍ଜିତ୍ ଜୟପୁର ବିକ୍ରମଦେବ ମହାବିଦ୍ୟାଳୟରେ ଯୁକ୍ତ ୨ ଛାତ୍ର ଥିବା ଜଣାଯାଇଛି ।

# ବଧୂହତ୍ୟା ମାମଲାରେ ବାପ, ପୁଅଙ୍କୁ ଆଜୀବନ କାରାଦଣ୍ଡ

**କୋରାପୁଟ,୩୧।୩(ସ୍ୱ.ପ୍ର.)**

କୋରାପୁଟ ଅତିରିକ୍ତ ଜିଲା ଦୌରାଜର୍ଜ୍ ମହଲତ ଶା ଏକ ବଧୁହତ୍ୟା ମାମଲାର ବିଚାର କରି ଅଭିଯୁକ୍ତ ବାପ ପୁଅଙ୍କୁ ଆଜୀବନ ଜେଲ ଦଣ୍ଡ ଦେଇଛନ୍ତି। ନନ୍ଦପୁର ଥାନା ଅନ୍ତର୍ଗତ କୁର୍ମାପୁର ଗ୍ରାମର ପୁଷ୍ପେନ୍ଦ୍ର ନାୟକ ଓ ତାଙ୍କ ପୁଅ ଦୁଃଶାସନ ନାୟକଙ୍କୁ ବଧୁ ହତ୍ୟା ମାମଲାରେ ଗୁରୁବାର ବିଚାରପତି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ଗତ ୨୦୧୨ରେ କାକିରିଗୁମ୍ମା ଥାନା ଅନ୍ତର୍ଗତ ସାନ ନେରେକା ଗ୍ରାମର ଶରତ ମୁଦୁଲିଙ୍କ ଝିଅ ରଞ୍ଜିତା ମୁଦୁଲି ନନ୍ଦପୁର ଥାନା ନିକଟ କୁର୍ମାପୁଟ ଗ୍ରାମର ପୁଷ୍ପେନ୍ଦ୍ର ନାୟକଙ୍କ ପୁଅ ଦୁଃଶାସନ ନାୟକଙ୍କୁ ପ୍ରେମ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ରଞ୍ଜିତାଙ୍କ ସ୍ୱାମୀ ଦୁଃଶାସନ ଓ ତାଙ୍କ ପରିବାର ଲୋକେ ରଞ୍ଜିତାଙ୍କୁ ଯୌତୁକ ନିର୍ଯାତନା ଦେଇ ହତ୍ୟା କରିଥିବା ରଞ୍ଜିତାଙ୍କ ପିତା ଶରତ ମୁଦୁଲି ଗତ ୨୦୧୫ ଫେବୃଆରୀ ୨୩ରେ କାକିରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତି କରି କାକିରିଗୁମ୍ମା ଥାନାରେ କେସ୍ ନଂ ୯/୨୦୧୫ରେ ଏକ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିଲା । ପରେ ଉକ୍ତ ମାମଲା ସିଟି କେସ ନଂ ୮୪/୨୦୧୫କୁ ଅତିରିକ୍ତ ଜିଲା ଦୌରା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ୧୨ ଜଣ ସାକ୍ଷୀଙ୍କ ବୟାନକୁ ଭିତିକରି ବିଚାରପତି ଉପରୋକ୍ତ ରାୟ ଦେଇଛନ୍ତି। ସ୍ୱାମୀ ଦୁଃଶାସନ ଓ ଶଶୁର ପୁଷ୍ପେନ୍ଦ୍ରଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଅର୍ଥ ଅନାଦାୟ ହେଲେ ଅତିରିକ୍ତ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ କହିଛନ୍ତି। ମାମଲାକୁ ସ୍ୱତନ୍ତ୍ର ସରକାରୀ ଆଇନଜୀବୀ ଜୟନ୍ତ ମିଶ୍ର ପରିଚାଳନା କରୁଥିଲେ ।

# ଯନ୍ତ୍ରୀରେ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା

**ଚିତ୍ରକୋଣ୍ଡା,୩୧।(ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ଯନ୍ତ୍ରୀରେ ଗୁରୁବାର ଏକ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା ହୋଇଛି। ମାଲକାନଗିରି ପୋଲିସ ଓ ବିଏସଏଫ ନବମ ବାଟାଲିୟନ ମିଳିତ ଉଦ୍ୟମରେ ଏହା ପ୍ରତିଷ୍ଠା ହୋଇଥିବା ଜଣାପଡିଛି। ଏହାଦ୍ୱାରା ଯନ୍ତ୍ରୀ, ତୋଟାଗୁଡା ଓ ଦିଶାରୀଗୁଡା ଅଞ୍ଚଳବାସୀ ଉପକୃତ ହେବେ। ମାଓବାଦୀ ଉପଦ୍ରବ ଯୋଗୁ ଉକ୍ତ ଅଞ୍ଚଳରେ ରାସ୍ତାଘାଟ ସହ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁ ନ ଥିଲା। ମାଓବାଦୀଙ୍କ ଭୟରେ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ଉକ୍ତ ଅଞ୍ଚଳକୁ ଯାଉ ନ ଥିଲେ। କ୍ୟାମ୍ପ ପ୍ରତିଷ୍ଠା ସମୟରେ ବିଏସ୍‌ଏଫ୍ ଡିଆଇଜି ସୌମ୍ୟ ରଞ୍ଜନ ସିଂନା, ମାଲକାନଗିରି ଏସ୍‌ପି ନୀତୀଶ ଆଦ୍‌ୱାନି, ନବମ ବାଟାଲିୟନର କମାଣ୍ଡିଂ ଅଧିକାରୀ ସୁଶୀଲ ମିଞ୍ଜ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଗାଡି ଚୋର ଗିରଫ

**ବୋରିଗୁମ୍ମା,୩୧।୩(ଡି.ଏନ.ଏ.)**

ବୋରିଗୁମ୍ମା ଥାନା ଅଞ୍ଚଳରେ ଦିନକୁ ଦିନ ଚୋରି ବୃଦ୍ଧି ପାଉଛି। ନିକଟରେ ପୋଲିସ ଜଣେ ଗାଡି ଚୋରଙ୍କୁ ଗିରଫ କରି କୋର୍ଟଚାଲାଣ କରଛି। ପାଇଲୁସାହିର ଜଗଦୀଶ ପ୍ରଧାନଙ୍କ ସିମେଣ୍ଟ ମିକ୍ସଚର ମେଶିନ ଚୋରି ହୋଇଥିବା ନେଇ ସେ ନିକଟରେ ବୋରିଗୁମ୍ମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏହାର ତଦନ୍ତ କରି ପୂଜାରିପୁଟ ଗ୍ରାମରୁ ଗୋପାଳ କୃଷ୍ଣ ନାୟକଙ୍କୁ ଗିରଫ କରିଥିଲା। ତାଙ୍କଠାରୁ ସିମେଣ୍ଟ ମିକ୍ସଚର ମେଶିନ ଜବତ ହୋଇଛି। ଏନେଇ ବୋରିଗୁମ୍ମା ଥାନାରେ କେସ ନମ୍ବର ୫୪/୨୨ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ପୂର୍ବରୁ ମଧ୍ୟ କୋରାପୁଟ ଟାଉନ ଥାନାରେ ଟ୍ରାକ୍ଟର ଚୋରି ନେଇ ଏକ ମାମଲା ୪୬/୨୪ରେ ଏକ ମାମଲା ରୁଜୁ ହୋଇଥିଲା।

# ବଢୁଛି ଗ୍ରାମବାସୀଙ୍କ ଜଳକଷ୍ଟ

**ମାଲକାନଗିରି,୩୧।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲାରେ ଗ୍ରୀଷ୍ମପ୍ରବାହ ସହ ବଢୁଛି ଜଳକଷ୍ଟ। ଜିଲାର ସଦର ବ୍ଲକ ଅନ୍ତର୍ଗତ ତଣ୍ଡିକି ପଞ୍ଚାୟତ ବାହାଲଗୁଡ଼ାରେ ଗ୍ରାମବାସୀ ପାନୀୟ ଜଳ ପାଇଁ ଚୁଆ ଏବଂ ଝରଣା ଉପରେ ନିର୍ଭର କରିଥାନ୍ତି। ଖରାଦିନ ଆସିଲେ ସେମାନଙ୍କ ଚିନ୍ତା ବଢ଼ିଯାଏ। ଗୋଟିଏ ହାଣ୍ଡି ପାଣି ପାଇଁ ପାଖାପାଖି ଘଣ୍ଟାଏ ଚୁଆ ଓ ଝରଣା ପାଖରେ ଅପେକ୍ଷା କରିଥାନ୍ତି। ଗ୍ରାମରେ ଥିବା ନଳକୂପରୁ ଲୁହାଗୁଣ୍ଡ ମିଶା ପାଣି ବାହାରୁଛି। ଅଳ୍ପ ସମୟ ପରେ ପାଣିର ରଙ୍ଗ ଲାଲ ହୋଇଯାଉଛି। ଫଳରେ ନଳକୂପ ପାଣିକୁ ଗ୍ରାମବାସୀ ବ୍ୟବହାର କରିପାରୁନାହାନ୍ତି। ଗ୍ରାମବାସୀ ଦୀର୍ଘଦିନ ଧରି ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଏନେଇ ମାଲକାନଗିରି ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅରୁଣ ବାରିକଙ୍କୁ ପଚାରିବାରୁ ସେ ବାହାଲଗୁଡ଼ାର ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେବେ ବୋଲି କହିଛନ୍ତି।


ଗ୍ରାମବାସୀ ଚୁଆରୁ ପାନୀୟ ଜଳ ସଂଗ୍ରହ କରୁଛନ୍ତି।

# ଦେବ ଗମାଙ୍ଗଙ୍କ ମୃତ୍ୟୁର ସି.ବି.ଆଇ. ତଦନ୍ତ ଦାବି

**ଜୟପୁର,୩୧।୩ (ନି.ପ୍ର.)**

ଜୟପୁରରେ ସ୍ୱର୍ଗତ ଦେବ ଗମାଙ୍ଗଙ୍କ ସନ୍ଦେହଜନକ ମୃତ୍ୟୁର ପ୍ରତିବାଦରେ ଏକ ଶୋକସଭା ଗୁରୁବାର ଅନୁଷ୍ଠିତ ହୋଇଛି। ଏହି ଅବସରରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏଥିରେ ଜୟପୁରର ୧ହଜାରରୁ ଉର୍ଦ୍ଧ୍ୱ ଜନ ସାଧାରଣ ସାମିଲ ହୋଇ ଦିବଙ୍ଗତ ଦେବ ଗମାଙ୍ଗଙ୍କ ଆମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଏନସିସି ଆଲୁମିନିର ସଦସ୍ୟମାନେ ଏହାର ସି.ବି.ଆଇ. ତଦନ୍ତ କରିବାକୁ ଦାବି କରିଛନ୍ତି। ଘଟଣାର ନିରପେକ୍ଷ ସି.ବି.ଆଇ. ତଦନ୍ତ ଦାବି କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏହି ସମୟରେ ଦୀପକ ଷଡଙ୍ଗୀ, ରବି ନାରାୟଣ ହୋତା, ଦେବେନ୍ଦ୍ର ବାହିନୀପତି, ରଞ୍ଜନ ମିଶ୍ର, କୃଷ୍ଣ କେଶବ ଷଡଙ୍ଗୀ, ଦୁର୍ଗା ଚରଣ ସାହୁ, ନିଶାନ ପଟନାୟକ, ଶାନ୍ତନୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ମାରପିଟ୍ ଅଭିଯୋଗରେ ୪ ଅଭିଯୁକ୍ତଙ୍କୁ ୬ ମାସ ସଶ୍ରମ କାରାଦଣ୍ଡ

**ବୋରିଗୁମ୍ମା,୩୧।୩(ଡି.ଏନ.ଏ.)**

ବୋରିଗୁମ୍ମାସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ମାରପିଟ୍ ଅଭିଯୋଗରେ ୪ଜଣଙ୍କୁ ୬ମାସ ସଶ୍ରମ କାରାଦଣ୍ଡ ଦେଇଛନ୍ତି। ଏଥିସହ ବିଚାରପତି ପ୍ରୀତିଶ ମିଶ୍ର ୪ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ଏହା ଅନାଦାୟ ହେଲେ ଆଉ ଏକ ମାସ ଅଧିକ ସଶ୍ରମ କାରାଦଣ୍ଡ ଭୋଗିବାକୁ ରାୟରେ ଶୁଣାଇଛନ୍ତି। ମାମଲାର ବିବରଣୀରୁ ଜଣାପଡିଛି ଗତ ୧୪।୪।୨୦୦୮ରେ ନୀଳ ହରିଜନ ବୋରିଗୁମ୍ମା ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ ତାଙ୍କ ଶଶୁର ପଦନ ହରିଜନ ନିଜ ଚାଷ ଜମିରୁ ଫେରୁଥିବା ବେଳେ ଡାଙ୍ଗରିଆଗୁଡା ଗ୍ରାମର ବନ ହରିଜନ, ଶିବ ହରିଜନ, ନିଲମ ହରିଜନ ଓ ଝିଙ୍ଗୁ ହରିଜନ ତାଙ୍କ ଶ୍ୱଶୁର ପଦନଙ୍କୁ ଆକ୍ରମଣ କରିଥିଲେ। ବନ ହରିଜନ ଓ ଶି ହରିଜନ ଠେଙ୍ଗାରେ ପିଟିଥିବା ବେଳେ ନିଲମ ହରିଜନ ଲାତ ଗୋଇଠା ମାରିଥିଲେ। ଝିଙ୍ଗୁ ହରିଜନ ପଥର ଧରି ମାରିବା ପାଇଁ ଉଦ୍ୟମ କରିଥିଲେ ବୋଲି ନୀଳ କରିଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଏନେଇ କେସ ନଂ.୪୫ /୨୦୦୮ ରେ ମାମଲା ରୁଜୁ ହୋଇଥିଲା। ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତି କରି ବିଚାରପତି ମିଶ୍ର ୪ ଅଭିଯୁକ୍ତଙ୍କୁ ଉପରୋକ୍ତ ଦଣ୍ଡବିଧାନ କରିଛନ୍ତି। ସରକାରଙ୍କ ପକ୍ଷରୁ ଏପିପି ଏ.ସନ୍ତୋଷ କୁମାର ଦୋରା ମାମଲା ପରିଚାଳନା କରୁଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସତ୍ୟଙ୍କ ୨୪ କ୍ଷୁଦ୍ର ମନ୍ଦିର କଳାକୃତି

**ବ୍ରହ୍ମପୁର ଅଫିସ୍,୩୧।୩**

ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଚକରେ ୨୪ କ୍ଷୁଦ୍ର ମନ୍ଦିର କଳାକୃତି କରି ଇଣ୍ଡିଆ ବୁକ୍ ଅଫ ରେକର୍ଡ ହାସଲ କରିଛନ୍ତି। ସତ୍ୟ ଜାନୁୟାରୀ ୨୬ରେ ୨୪ଟି ଚକରେ ଲିଙ୍ଗରାଜ ମନ୍ଦିର, ତାରାତାରିଣୀ, ବୁଢ଼ୀ ଠାକୁରାଣୀ, ସୋରଡ଼ାର ପଞ୍ଚାନନ ଓ ପଦରସୁନି ମନ୍ଦିର, ବାଳକୁମାରୀ, ମହୁରୀ କାଳୁଆ, ଭୈରବୀ, ବୁଦ୍ଧଖୋଲ, କପିଳାସ, ନିର୍ମଳଝର, ମୁକ୍ତେଶ୍ୱର, ବ୍ରହ୍ମେଶ୍ୱର, ରାଜାରାଣୀ, ଇନ୍ଦ୍ରଲଥ ମନ୍ଦିର, ରାମେଶ୍ୱର ମନ୍ଦିର, ଦୁର୍ଗା ମନ୍ଦିର ଓ ଚାରିଧାମର କଳାକୃତି ନିର୍ମାଣ କରିଥିଲେ, ଯାହାର ଉଚ୍ଚତା ୪ ମିଲିମିଟରରୁ ୯ ମିଲିମିଟର ପର୍ଯ୍ୟନ୍ତ ରହିଥିଲା। ଏହା ବିଶ୍ୱର କ୍ଷୁଦ୍ରତମ କଳାକୃତି ବୋଲି ସତ୍ୟ ଦୃଢୋକ୍ତି ପ୍ରକାଶ କରିଥିଲେ। ସତ୍ୟ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସ ନିମନ୍ତେ ଆବେଦନ କରିଥିଲେ, ଯାହାକି ଚଳିତ ବର୍ଷର ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଥିବା ସେ କହିଛନ୍ତି।


ସତ୍ୟ ନିର୍ମାଣ କରିଥିବା କ୍ଷୁଦ୍ର କଳାକୃତି ।

# ଜିଲା ବଧିର ସଂଘ ପକ୍ଷରୁ ନୂତନ ପୌରାଧକ୍ଷଙ୍କୁ ସମ୍ବର୍ଦ୍ଧନା

**ସୁନାବେଡ଼ା,୩୧।୩(ସ୍ୱ.ପ୍ର.)**

କୋରାପୁଟ ଜିଲା ବଧିର ସଂଘ ପକ୍ଷରୁ ସୁନାବେଡ଼ା ପୌର ପରିଷଦର ନବ ନିର୍ବାଚିତ ପୌରାଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ରଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସୁନାବେଡ଼ା ସୁଭାଷ ନଗରସ୍ଥିତ କାର୍ଯ୍ୟାଳୟରେ ସଂଘ ସଭାପତି ଶେଖ ଇବ୍ରାହିମଙ୍କ ସଭାପତିତ୍ୱରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସାଧାରଣ ସମ୍ପାଦକ ଚିନ୍ତାମଣି ପୃଷ୍ଟି, ଯୁଗ୍ମ ସମ୍ପାଦକ ବ୍ରହ୍ମା ଚରଣ ଗୌଡ, ଉପଦେଷ୍ଟା ଭୁବନେଶର ପଟ୍ଟନାୟକ, ସାହେଦା ପରୱିନ, ମିନା କୁମାରୀ ପୃଷ୍ଟି, ସାମାଜିକ କର୍ମୀ ବିଜୟ ସାହୁ, ଦୁର୍ଗା ପ୍ରସାଦ ପାତ୍ର, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଆନନ୍ଦ ମୌଳି ପଟ୍ଟନାୟକ, ପ୍ରଦୀପ କୁମାର ତ୍ରିପାଠୀ, ସ୍ୱରାଜ ରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସୁନାବେଡ଼ା ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଭାବେ ମନୋନୀତ ହୋଇଥିବା ସଂଘର ଉପଦେଷ୍ଟା ଡ. ଉମା ଶଙ୍କର ପ୍ରସାଦ ପାତ୍ରଙ୍କୁ ମଧ ସମ୍ବର୍ଦ୍ଧିତ କରଯାଇଥିଲା। ଅନ୍ୟ ମାନଙ୍କ ମଧରେ ବଧିର ସଂଘର ଶିବରାମ ମଣ୍ଡଳ, ଟୁଟୁ ଗୌଡ, ଅରୁଣ କୁଲଦୀପ, ବି. ଶ୍ରୀଦେବୀ ରାଓ, ଭବାନୀ ଶଙ୍କର ପାଠୀ, ଉମାକାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ: ଏମ୍‌ଭି-୨୮ ବିଜୟୀ

**ମାଲକାନଗିରି, ୩୧।୩ (ଡି.ଏନ୍.ଏ.)-**

ମାଲକାନଗିରି ଜିଲା କୋରୁକୋଣ୍ଡା ସଦର ବ୍ଲକ ଅଧୀନ କାମୱାଡା ପଞ୍ଚାୟତର ଏମ୍‌ଭି-୨୮ ଗ୍ରାମରେ ୪ ଦିନ ଧରି ଚାଲିଥିବା ଭଲିବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଭାଗ ନେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ଦିନରେ ବାଲାକାଟି-ଏମ୍‌ଭି-୨୮ ବି ଟିମ୍ ମଧ୍ୟରେ ମ୍ୟାଚ ହୋଇଥିବା ବେଳେ ଶେଷଦିନରେ ଏମ୍‌ଭି-୨୮ଏ ଟିମ୍ ସହ ଏମ୍‌ଭି-୨୨ ମଧ୍ୟରେ ମ୍ୟାଚ ହୋଇଥିଲା। ଶେଷରେ ଏମ୍‌ଭି-୨୮ଏ ଟିମ୍ ବିଜୟୀ ହୋଇଥିଲା। ବିଜୟୀ ଦଳକୁ ପ୍ରଥମ ପୁରସ୍କାର ଭାବେ ୫ହଜାର ଟଙ୍କା ସମେତ ଏକ ଭଲିବଲ ପ୍ରଦାନ କରାଯାଇଥିଲା ଏବଂ ରନର୍ସ ଅପ୍ ଦଳକୁ ୩ ହଜାର ଟଙ୍କା ସମେତ ଏକ ଭଲିବଲ ମିଳିଥିଲା। ଉକ୍ତ ଟୁର୍ନାମେଣ୍ଟକୁ ଜୟ ମା କାଳୀପୂଜା କମିଟି ସଦସ୍ୟଙ୍କ ସମେତ ପ୍ରବୀଣ ମିସ୍ତ୍ରି ପରିଚାଳନା କରିଥିଲେ। ବିଜୟୀ ଖେଳାଳିଙ୍କୁ କାମୱାଡା ପଞ୍ଚାୟତ ସରପଞ୍ଚ ରମାକାନ୍ତ ମାଡକାମୀ ଏବଂ ନାଏବ ସରପଞ୍ଚ ସାଧନା ମିସ୍ତ୍ରି ପୁରସ୍କୃତ କରିଥିଲେ।

# କାର୍ଯ୍ୟ ଖସଡ଼ାକୁ ନେଇ ଦୁଇ ଦଳ ମଧ୍ୟରେ ଧସ୍ତାଧସ୍ତି

**ଦଶମନ୍ତପୁର,୩୧।୩(ଡି.ଏନ.ଏ.)**

**ଆରମ୍ଭରୁ ବିବାଦ**

ନିର୍ବାଚନ ସରିବାର ଅଳ୍ପ ଦିନ ମଧ୍ୟରେ କୋରାପୁଟ ଜିଲା ଦଶମନ୍ତପୁରରେ କାର୍ଯ୍ୟଖସଡାକୁନେଇ ବିବାଦ ଦେଖାଦେଇଛି। ଆମ ଦଳର ବିଜୟ ହେଲା, ଆମେ ଆଉ ଅନ୍ୟ କୌଣସି ଦଳର ନେତା ଓ କର୍ମୀଙ୍କୁ କାମ ଦେବୁନାହିଁ ବୋଲି ବସିଥିବା ବୈଠକରେ କେହି କହିବାରୁ ବିବାଦ ଦେଖାଦେଇ ନେତାକର୍ମୀଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଛି। ଜିଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତରେ ଏପରି ଦେଖିବାକୁ ମିଳିଛି।

ଏହି ପଞ୍ଚାୟତ ୧୧ଟି ୱାର୍ଡକୁ ନେଇ ଗଠିତ। ୨୫ଟି ଗ୍ରାମ ରହିଛି। ଗତ ନିର୍ବାଚନରେ କଂଗ୍ରେସ ସମର୍ଥିତ ସରପଞ୍ଚ ପ୍ରାର୍ଥୀ ନବୀନ ମୁଦୁଲି ବିଜୟୀ ହୋଇଥିଲେ। ଗୁରୁବାର ସମସ୍ତ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକକୁ କେତେକ ବି.ଜେ.ଡି. ସମର୍ଥିତ ଯୁବକ ଆସି ନୂତନ ସରପଞ୍ଚଙ୍କୁ ଭେଟି ସରକାରଙ୍କ କେଉଁସବୁ ଉନ୍ନୟନମୂଳକ କାର୍ଯ୍ୟ ରହିଛି ପଚାରି ବୁଝିଥିଲେ। ଆମକୁ କିଛି କିଛି କାର୍ଯ୍ୟ ଦେଲେ ଆମେ ପରିବାର ପ୍ରତିପୋଷଣ କରିବୁ ବୋଲି କହିଥିବା ବିଜେଡି ପଞ୍ଚାୟତ ସଭାପତି ଅଜିତ ହିଆଲ, ଅମିତ ଖରା, ଦାଉଦ ଖରା, ସୁରୋଜ ଖରା ଓ ମୋହନ ବାଘ ପ୍ରମୁଖ କହିଛନ୍ତି। ଏହି ସମୟରେ ତୁମମାନଙ୍କୁ ପଞ୍ଚାୟତର କୌଣସି ସରକାରୀ କାମ ମିଳିବନାହିଁ ବୋଲି କେହି କହିବାରୁ ଏହାକୁ ନେଇ ଗଣ୍ଡଗୋଳ ହୋଇ ପରସ୍ପର ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଘଟଣାକୁ ନେଇ ଉଭୟପକ୍ଷ ଥାନାରେ ଏତଲା ଦେଇଛନ୍ତି। ଏ ସମ୍ପର୍କରେ ଥାନାର ସେକେଣ୍ଡ ଅଫିସର ନିର୍ମଳା ଲିମାଙ୍କୁ ପଚାରିବାରୁ ଉଭୟ ପକ୍ଷରୁ ଏତଲା ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ତଦନ୍ତ ଆରମ୍ଭ କଲେ ଉପଜିଲାପାଳ

**ପଟ୍ଟାଙ୍ଗୀ,୩୧।୩(ଡି.ଏନ.ଏ.)**

ଓଡ଼ିଶାର ଜଙ୍ଗଲଜମିକୁ ନେଇ କୋରାପୁଟ ସୀମାନ୍ତ ଗ୍ରାମବାସୀଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ବିବାଦର ତଦନ୍ତ ଉପ ଜିଲାପାଳଙ୍କ ଦ୍ୱାରା ଆରମ୍ଭ ହୋଇଛି। ପଟ୍ଟାଙ୍ଗୀ ତହସିଲରେ ଥିବା ସମ୍ପାଇ ପଞ୍ଚାୟତର ସୁନାବେଡା ଗ୍ରାମବାସୀଙ୍କ ସହ ଆନ୍ଧ୍ରର ଟେକାପାର ଗ୍ରାମବାସୀଙ୍କ ମଧ୍ୟରେ ଏହି ବିବାଦ ଜଙ୍ଗଲ ଜମିକୁ ନେଇ ଆରମ୍ଭ ହୋଇଥିଲା। ଗୁରୁବାର ଉପଜିଲାପାଳ ଲଳିତ କଅଁର, ତହସିଲ ସୁପରଭାଇଜର ଗୋଲକ ବିହାରୀ ପରିଡ଼ା, ଜିଲା ପରିଷଦ ସଭ୍ୟ ଲଇଚନ ଖରା, ସରପଞ୍ଚ କିଶୋର ଚନ୍ଦ୍ର ଖରା ଏବଂ ତହସିଲ ଓ ପୋଲିସ କର୍ମଚାରୀ ପହଞ୍ଚି ଗଣ୍ଡଗୋଳ ହୋଇଥିବା ଜଙ୍ଗଲ ଜମିକୁ ମାପଚୁପ କରିଥିଲେ। ପରେ ଗ୍ରାମବାସୀଙ୍କୁ ନେଇ ଏକ ବୈଠକ କରିଥିଲେ। ଗ୍ରାମବାସୀଙ୍କୁ ଆନ୍ଧ୍ର ସୀମା ଭିତରେ ପ୍ରବେଶ ନ କରି ନିଜ ଅଞ୍ଚଳରେ ରହି ଚାଷ କରିବାକୁ ବୁଝାଇଥିଲେ।


ଉପଜିଲାପାଳ ଜଙ୍ଗଲ ଜମି ସମ୍ପର୍କରେ ଗ୍ରାମବାସୀଙ୍କୁ ବୁଝାଉଛନ୍ତି ।

**ସୀମାନ୍ତ ଜଙ୍ଗଲଜମି ବିବାଦ**

ସୂଚନାଯୋଗ୍ୟ, ୨୦୨୦ ନଭେମ୍ବରେ ଓଡ଼ିଶାର ଜାମୁଗୁଡା, ନୁଆଁଗୁଡା ଓ ସୁନାବେଡା ଗ୍ରାମବାସୀଙ୍କ ସହ ଆନ୍ଧ୍ରର ଟେକାପାର ଗ୍ରାମବାସୀଙ୍କ ସହ ଜଙ୍ଗଲଜମିକୁ ନେଇ ଦୁଇ ରାଜ୍ୟର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଏକ ଚୁକ୍ତିନାମା ହୋଇଥିଲା। ଏହାକୁ ଆଧାର କରି ଓଡ଼ିଶା ସୀମା ଭିତରେ ରହିବାକୁ ଅଧିକାରୀମାନେ ଉପରୋକ୍ତ ତିନି ଗ୍ରାମର ଗ୍ରାମବାସୀଙ୍କୁ ବୁଝାଇଥିଲେ।

